ସମ୍ବାଦ

# ବିଆଇଆଇଟିଏମ୍‌ର ଦ୍ୱିତୀୟ ସ୍ନାତକୋତ୍ସବ




ଚନ୍ଦ୍ରଶେଖରପୁର, ୧୪/୧୨(ଇମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍(ବିଆଇଆଇଟିଏମ୍)ର ଦ୍ୱିତୀୟ ସ୍ନାତକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ସତ୍ୟ ଓ ଶିକ୍ଷା ବ୍ୟକ୍ତିର ବିନମ୍ରତାକୁ ପରିପ୍ରକାଶ କରିଥାଏ। ଏହା ଉନ୍ନତିର ଭିତ୍ତିଭୂମି। ବିଆଇଆଇଟିଏମ୍ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇ ନିଜ ଉପରେ ବିଶ୍ୱାସ ରଖିବା ସହ ଶିଖିବାକୁ ଜାରି ରଖିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସ୍ନାତକୋତ୍ସବରେ ବକ୍ତବ୍ୟ ପ୍ରଦାନ କରି ତତ୍ତ୍ୱ ଟେକ୍ନୋଲୋଜିଜ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର୍ ଅୟସକାନ୍ତ ମହାନ୍ତି ଆଧୁନିକ ବ୍ୟବସାୟରେ ଦୃଢ଼ ନେତୃତ୍ୱ ଉପରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। ବିଆଇଆଇଟିଏମ୍ ଡିନ୍(ଏକାଡେମିକ୍ସ) ପ୍ରଫେସର ଚିନ୍ମୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୨୦୨୩-୨୫ ଶିକ୍ଷାବର୍ଷର ଏମ୍‌ବିଏ ଓ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ପାଠ୍ୟକ୍ରମର ସ୍ନାତକମାନଙ୍କୁ ଉପାଧି ପ୍ରଦାନ କରାଯାଇଥିଲା।